ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ରବିଧାନ ସଂଗ୍ରହ ପାଇଁ ଚାଷୀ ନାମ ପଞ୍ଜିକରଣ
# ଗତବର୍ଷ ତୁଳନାରେ ୯ ପ୍ରତିଶତ ଅଧିକ ଚାଷୀଙ୍କ ନାମ ପଞ୍ଜିକୃତ

**ଭୁବନେଶ୍ୱର : ୧୫ ଅପ୍ରେଲ,୨୦୨୦**

ରାଜ୍ୟରେ ରବିଧାନ ସଂଗ୍ରହ ନିମନ୍ତେ ଆନ୍‌ଲାଇନରେ ଚାଷୀମାନଙ୍କ ନାମ ପଞ୍ଜିକରଣ ଜରିଆରେ ଆଜି ସୁଦ୍ଧା, ୨ଲକ୍ଷ ୩୪ ହଜାର ୭୨୮ ଜଣ ଚାଷୀ ନାମ ପଞ୍ଜିକରଣ କରିଛନ୍ତି । ଗତବର୍ଷ ତୁଳନାରେ ଚଳିତ ବର୍ଷ ୯ ପ୍ରତିଶତ ଅଧିକ ଚାଷୀ ରବି ଧାନ ବିକ୍ରୟ ନିମନ୍ତେ ସେମାନଙ୍କ ନାମ ପଞ୍ଜିକୃତ କରିଛନ୍ତି । ଗତବର୍ଷ ରବି ନିମନ୍ତେ ୨ ଲକ୍ଷ ୧୬ ହଜାର ୫୬ ଜଣ ଚାଷୀ ସେମାନଙ୍କ ନାମ ପଞ୍ଜିକୃତ କରିଥିଲେ । ଗତବର୍ଷ ନାମ ପଞ୍ଜିକରଣ ନିମନ୍ତେ ୬୪୯ଟି ପ୍ୟାକସ୍ ନିୟୋଜିତ ହୋଇଥିବା ବେଳେ ଚଳିତବର୍ଷ ୮୧୨ଗୋଟି ପ୍ୟାକ୍ସରେ ଚାଷୀମାନେ ସେମାନଙ୍କର ନାମ ପଞ୍ଜିକୃତ କରିଛନ୍ତି । ରାଜ୍ୟରେ ଚଳିତ ବର୍ଷ ୧୭ ଗୋଟି ଜିଲ୍ଲାର ଚାଷୀମାନେ ରବି ଧାନ ବିକ୍ରୟ ନିମନ୍ତେ ନାମ ପଞ୍ଜିକୃତ କରିଛନ୍ତି । ଏହି ଜିଲ୍ଲାଗୁଡିକ ମଧ୍ୟରେ ବାଲେଶ୍ୱର, ବରଗଡ, ବଲାଙ୍ଗୀର, ବୌଦ୍ଧ, କଟକ, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, ଖୋର୍ଦ୍ଧା, କୋରାପୁଟ, ମୟୁରଭଞ୍ଜ, ନବରଙ୍ଗପୁର, ନୂଆପଡ଼ା, ପୁରୀ, ରାୟଗଡ଼ା, ସମ୍ବଲପୁର ଏବଂ ସୁବର୍ଣ୍ଣପୁର ଅନ୍ତର୍ଗତ । ଏଥିମଧ୍ୟରୁ ଯାଜପୁର ୧୮୦ ପ୍ରତିଶତ ଓ ଝାରସୁଗୁଡ଼ାରେ ୧୮୧ ପ୍ରତିଶତ, ନାମ ପଞ୍ଜିକରଣ ବୃଦ୍ଧି ପାଇଥିବାବେଳେ ନବରଙ୍ଗପୁର ଜିଲ୍ଲାରେ ୨୭୧ ପ୍ରତିଶତ ବୃଦ୍ଧି ପାଇଛି । ଚଳିତ ରବିଧାନ ସଂଗ୍ରହ କାର୍ଯ୍ୟକୁ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରେଣନ୍ଦ୍ର ପ୍ରଦାପ ସ୍ୱାଇଁ ସମ୍ପୃକ୍ତ ସମସ୍ତ ଅଧିକାରୀମାନଙ୍କୁ କହିଛନ୍ତି ।

ନାମପଞ୍ଜିକୃତ କରିଥିବା ଚାଷୀମାନଙ୍କ ମଧ୍ୟରୁ ୫୭,୯୯୪ ଜଣ ଚାଷୀ ନୂତନ ଭାବେ ସେମାନଙ୍କ ନାମ ପଞ୍ଜିକୃତ କରିଥିବା ବେଳେ ୧୭,୬୭,୭୩୪ ଜଣ ଚାଷୀ ସେମାନଙ୍କର ନାମ ପଞ୍ଜିକରଣକୁ ନବୀକରଣ କରିଛନ୍ତି ।

ତାପସ କୁମାର ସାହା
ସୂଚନା ଅଧିକାରୀ

**'ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ'**